# ପୌର ପରିଷଦ,କାର୍ଯ୍ୟାଳୟ ,ବୌଦ୍ଧଗଡ

## ବିଜ୍ଞାପନ

ପତ୍ର ସଂ.୩୨୧୭ ତାରିଖ.୧୪/୧୦/୨୦୨୬

ଏତଦ୍ୱାରା ପୌରପରିଷଦର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ପରିଷଦର ନିଷ୍ପତ୍ତିକ୍ରମେ ପରିଷଦର ବିଭିନ୍ନ ଆୟ ଉତ୍ସ ଯଥା **(୧) ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ (Block-A Stall No-୦୯ & Block-B Stall No- ୦୭ &୦୮) (୨) କଟେରୀଛକ ଭେଣ୍ଡିଂଜୋନ୍ ଦୋକାନ ଗୃହ (Block-A ଷ୍ଟଲ ନଂ-୨) ମ୍ୟୁଜିୟମ ସମ୍ମୁଖ (୩) ବିଜୁପଟ୍ଟନାୟକ ମାର୍କେଟ କଂପ୍ଲେକ୍ସ -୨ (ପ୍ରଥମ ମହଲା ଷ୍ଟଲ ନଂ-୧୬ & ୧୮) (୪) ନାରାୟଣ ପ୍ରସାଦ ମାର୍କେଟ୍ କଂପ୍ଲେକ୍ସର ତଳ ମହଲା(ଷ୍ଟଲ ନଂ-୩୧) ଜାତୀୟ ରାଜପଥ-57 ସମ୍ମୁଖ (୫) ଗଣେଶ ବଜାର ସାଇକେଲ ଷ୍ଟାଣ୍ଡ ୦୨ ଗୋଟି ଦୋକାନ ଗୃହ** ଇତ୍ୟାଦି ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ। ଏଥିନିମନ୍ତେ ତା.୧୬.୧୦.୨୦୨୬ ରିଖ ଠାରୁ ତା.୨୮.୧୦.୨୦୨୬ ରିଖ ସମୟ ପୂର୍ବାହ୍ନ ଘ୧୦.୩୦ ମିନିଟ୍ ଠାରୁ ଅପରାହ୍ନ ଘ୫.୦୦ ଟିକା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଦିବସରେ କ୍ୟାସିୟରଙ୍କ ଠାରୁ ଟ୧୦୦୦/- (ଏକ ହଜାର) ଟଙ୍କା ମାତ୍ର ଦାଖଲ କରି (ଛୁଟିଦିନ ବ୍ୟତିତ) କାର୍ଯ୍ୟାଳୟରୁ ମିଳି ପାରିବ। ଏହି ଦରଖାସ୍ତ ଫର୍ମର ଦାଖଲ କରିବା ଶେଷ ତାରିଖ ୨୮.୧୦.୨୦୨୬ ରିଖ ମଧ୍ୟାହ୍ନ ଘ.୧.୦୦ ଟିକା ଏବଂ ଟେଣ୍ଡର ଖୋଲିବାର ସମୟ ୨୯.୧୦.୨୦୨୬ ରିଖ ଅପରାହ୍ନ ଘ.୪.୦୦ ମିନିଟ୍ .। ଉକ୍ତ ତାରିଖ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏଥି ସହିତ ଦୋକାନ/ଆୟଉତ୍ସର ନିୟମାବଳୀ ମଧ୍ୟ ଦରଖାସ୍ତ ସହିତ ସଂଲଗ୍ନ କରି ଦିଆଯିବ। ଏଥି ସମ୍ବନ୍ଧେ ସମସ୍ତ ବିବରଣୀ କାର୍ଯ୍ୟାଳୟ ୱେବସାଇଟ୍‌ରେ ଉପଲବ୍ଧ । (www.nacboudhgarh.in)/(www.boudh.odisha.gov.in) /କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ। କୌଣସି କାରଣ ନ ଥାଇ ଏହି ବିଜ୍ଞାପନ ନୋଟିସକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ବୌଦ୍ଧଗଡ

ପରିପତ୍ର ସଂ-୩୨୧୮ ତାରିଖ.୧୪/୧୦/୨୦୨୬

ଏହାର ଏକକିତା ନକଲ I & PR Department , Odisha, Bhubaneswar (e-mail:- ipr.advt@gmail.com) ଅବଗତି ତଥା ସର୍ବନିମ୍ନ ମୂଲ୍ୟ ଓ ସ୍ଥାନରେ ଏକ ଦିନ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବୌଦ୍ଧଗଡ

ପରିପତ୍ର ସଂ- ୩୨୨୦ ତାରିଖ. ୧୪/୧୦/୨୦୨୬

ଏହାର ଏକକିତା ନକଲ District e-Governance Manager, **Boudh**ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଉକ୍ତ ନୋଟିସକୁ ତାଙ୍କ ୱେବ ସାଇଟ୍ ରେ ଦିଆଯିବା ନିମନ୍ତେ ଅନୁରୋଧ କରାଗଲା।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବୌଦ୍ଧଗଡ

ପରିପତ୍ର ସଂ- ୩୨୨୧ ତାରିଖ. ୧୪/୧୦/୨୦୨୬

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ (ଜିଲ୍ଲା ନଗର ଉନ୍ନୟନ ସଂସ୍ଥା), ବୌଦ୍ଧଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବୌଦ୍ଧଗଡ

ପରିପତ୍ର ସଂ ୩୨୨୨ ତାରିଖ ୧୪/୧୦/୨୦୨୬

ଏହାର ଏକକିତା ନକଲ ଜିଲ୍ଲାପାଳ, ବୌଦ୍ଧଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବୌଦ୍ଧଗଡ

# ପୌରପରିଷଦ,କାର୍ଯ୍ୟାଳୟ ,ବୌଦ୍ଧଗଡ

## ଦୋକାନ ଗୃହ ଆବଣ୍ଟନ ନିୟମାବଳୀ

(୧) ଆବେଦନ ଫର୍ମ ବିକ୍ରୟ ସମୟ ତା.୧୬.୧୦.୨୦୨୬ ରିଖ ଠାରୁ ତା.୨୮.୧୦.୨୦୨୬ ରିଖ ସମୟ ପୂର୍ବାହ୍ନ ଘ୧୦.୩୦ ମିନିଟ୍ ଠାରୁ ଅପରାହ୍ନ ଘ୫.୦୦ ଟିକା ପର୍ଯ୍ୟନ୍ତ । ଆବେଦନ ଫର୍ମ ଦାଖଲର ଶେଷ ସମୟ ତା.୨୮.୧୦.୨୦୨୬ଅପରାହ୍ନ ଘ୫.୦୦ଟିକା । ଆବେଦନ ଫର୍ମ ଖୋଲିବା ସମୟ ତା.୨୯. ୧୦. ୨୦୨୬ ରିଖ ଅପରାହ୍ନ ଘ.୪.୦୦ମିନିଟ୍ ।

(୨) ପ୍ରତ୍ୟେକ ଆବେଦନ ଫର୍ମ ମୂଲ୍ୟ ଟ.୧,୦୦୦/-ଙ୍କା( **ଏକ ହଜାର ଟଙ୍କା**) ମାତ୍ର ଏବଂ ଏହା ଅଣ ଫେରସ୍ତ ଅଟେ। ଆବେଦନ ଫର୍ମ ପୌରପରିଷଦ ବୌଦ୍ଧଗଡ କାର୍ଯ୍ୟାଳୟର କୋଷାଧ୍ୟକ୍ଷଙ୍କ ବିଭାଗରେ ତା.୧୬.୧୦.୨୦୨୬ ରିଖ ଠାରୁ ତା.୨୮.୧୦.୨୦୨୬ ରିଖ ସମୟ ପୂର୍ବାହ୍ନ ଘ୧୦.୩୦ ମିନିଟ୍ ଠାରୁ ଅପରାହ୍ନ ଘ୫.୦୦ ଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ଅଫିସ କାର୍ଯ୍ୟ ସମୟରେ ମିଳି ପାରିବ । ଏତଦ୍ ବ୍ୟତୀତ ଆବେଦନ ଫର୍ମ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳରର website (www.nacboudhgarh.in) ଏବଂ ଜିଲ୍ଲା website (www.boudh.odisha.gov.in) ରୁ download କରିପାରିବେ । ଯେଉଁ ଆବେଦନକାରୀ ଫର୍ମ websiteରୁ download କରିଥିବେ ସେମାନେ ଆବେଦନ ଫର୍ମ ସହିତ **ଟ.୧୦୦୦/-ଙ୍କା ( ଏକ ହଜାରଟଙ୍କା)** ମାତ୍ର ( Bank Draft/Demand Draft /Pay Order ମାଧ୍ୟମରେ ) " Executive Officer , Boudhagada Municipality, Payable at Boudh" ନାମରେ ଜମା କରିବେ , ନଚେତ୍ ତାଙ୍କରଆବେଦନ ଫର୍ମକୁ ନାକଚ କରାଯିବ ।

(୩) ଏହି ଆବେଦନ ଫର୍ମ ସହିତ ପୌର ପରିଷଦ, ବୌଦ୍ଧଗଡରେ କୌଣସି ବକେୟା ନ ଥିବା ପ୍ରମାଣ ପତ୍ର, ଆବେଦନ ଫର୍ମର ରସିଦ୍, ଭୋଟର ପରିଚୟ ପତ୍ର/ଆଧାର କାର୍ଡର ଜେରକ୍ସ କପି, ଓ ନିଜର ପାସପୋର୍ଟ ସାଇଜ୍ ରଙ୍ଗିନ ଫଟୋ-୧ ଗୋଟି ସହିତ ଜମାକରିଥିବା ଅମାନତ ରାଶିର BD/DD No. Date.& Amount ସଂଲଗ୍ନ କରି ପୌର ପରିଷଦ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ/ପୋଷ୍ଟାଲ/କୋରିୟର ସାର୍ଭିସ ମାଧ୍ୟମରେ ଦାଖଲ କରି ପାରିବେ । ଦାଖଲ କରିବାର ଶେଷତାରିଖ ୨୯. ୧୦. ୨୦୨୬ ରିଖ ଅପରାହ୍ନ ଘ.୪.୦୦ମିନିଟ୍ ଧାର୍ଯ୍ୟ କରାଯାଇଥିବାରୁ ଉକ୍ତ ସମୟପରେ କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ । ଯଦି ପୋଷ୍ଟାଲ, /କୋରିୟର ସାର୍ଭିସ ମାଧ୍ୟମରେ ପଠାଇଥିବା ଆବେଦନ ଫର୍ମ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ପହଞ୍ଚି ପାରିଲା ନାହିଁ ତେବେ ଏଥିପାଇଁ ପରିଷଦ କୌଣସିମତେ ଦାୟୀ ରହିବ ନାହିଁ।

(୪) ଆବେଦନ ଫର୍ମ ଖୋଲିବା ସମୟରେ ହିତାଧିକାରୀ କିମ୍ବା ତାଙ୍କ ଦ୍ୱାରା ସ୍ୱିକୃତୀପ୍ରାପ୍ତ ବ୍ୟକ୍ତି ଉପସ୍ଥିତ ରହିପାରିବେ ।

(୫) **ବିଜୁ ପଟ୍ଟନାୟକ ଛକ ଭେଣ୍ଡିଂ ଜୋନ୍/କଚେରୀ ଛକ ମ୍ୟୁଜିୟମ୍ ସମ୍ମୁଖ** ଦୋକାନ ଗୃହ ନିମନ୍ତେ ଅମାନତ ମୂଲ୍ୟ ସର୍ବନିମ୍ନ **ଟ.୨୦,୦୦୦/- ଙ୍କା ( କୋଡିଏ ହଜାର ଟଙ୍କା)** ମାତ୍ର ଏବଂ **ବିଜୁପଟ୍ଟନାୟକ ମାର୍କେଟ କଂପ୍ଳେକ୍ସ -୨ , ନାରାୟଣ ପ୍ରସାଦ ମାର୍କେଟ୍ କଂପ୍ଳେକ୍ସର ତଳ ମହଲା ଓ ଗଣେଶ ବଜାର ସାଇକେଲ ଷ୍ଟାଣ୍ଡ** ଦୋକାନ ଗୃହ ନିମନ୍ତେ ଅମାନତ ମୂଲ୍ୟ ସର୍ବନିମ୍ନ **ଟ.୨,୦୦,୦୦୦/-ଙ୍କା ( ଦୁଇ ଲକ୍ଷ ଟଙ୍କା)** ଧାର୍ଯ୍ୟ କରାଯାଇଅଛି । ଯେଉଁ ଆବେଦନକାରୀ ଧାର୍ଯ୍ୟ ଅମାନତ ଠାରୁ ଅଧିକ ଅମାନତ ମୂଲ୍ୟ ଦାଖଲ କରିଥିବେ ସେମାନଙ୍କର କ୍ରମାନ୍ୱୟରେ ତାଲିକା ପ୍ରସ୍ତୁତ କରି ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଚୟନ କରିବେ ।

ଯେଉଁ ଆବେଦନକାରୀ ଦାଖଲ କରିଥିବା ଅମାନତ ରାଶି ସମସାମୟିକ ହୋଇଥିବ ତାଙ୍କୁ ଲଟେରୀ ମାଧ୍ୟମରେ ଚୟନ କରାଯାଇ ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଚୟନ କରାଯିବ ଏବଂ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଚୟନ କରିବା ପାଇଁ ସୁଯୋଗ ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚୁକ୍ତିନାମା ସମ୍ପାଦନ ନକଲେ ତାଙ୍କର ଦାଖଲ କରିଥିବା ଅମାନତ ଜମା ରାଶିରୁ ଶତକଡା ୧୦ ଭାଗ କାଟିବାକା ରାଶିକୁ ଫେରସ୍ତ କରାଯିବା ସଙ୍ଗେସଙ୍ଗେ ଅନ୍ୟ ହିତାଧିକାରୀଙ୍କୁ ଚୟନ କରାଯିବ ।

(୬) ଯେଉଁ ହିତାଧିକାରୀ ସର୍ବୋଚ୍ଚ ଅମାନତ ଦାଖଲ କରିଥିବେ ତାଙ୍କୁ ସର୍ବ ପ୍ରଥମେ ଅଗ୍ରାଧିକାର ଭାବେ କ୍ରମାନ୍ୱୟରେ ଦୋକାନ ଗୃହ ଆବଣ୍ଟନ କରାଯିବ । ଆବଶ୍ୟକ ସ୍ଥଳେ ପରିଷଦ ଓ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏଥିରେ ପରିବର୍ତ୍ତନ କରିବାର କ୍ଷମତା ନିର୍ବାହୀ ଅଧିକାରୀଙ୍କ ଅଛି ।

16.10.25

Boudhgarh Municipality

(୭) ଅମାନତ ଜମା ସୁଧ ବିହିନ ଅଟେ ।

(୮) ଦୋକାନ ଗୃହର ଭଡା ମାସିକ ସୂତ୍ରରେ Municipal Act ହିସାବରେ ଧାର୍ଯ୍ୟ କରାଯିବ ।

(୯) ଦୋକାନ ଗୃହର ହିତାଧିକାରୀ ଦଖଲ ନେବା ପୂର୍ବରୁ ପରିଷଦ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପଡିବ ଏବଂ ସେହି ଚୁକ୍ତିନାମା ବର୍ଷକୁ ଥରେ ନବୀକରଣ କରିବାକୁ ହେବ ।

(୧୦) ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନାମରେ ପୂର୍ବରୁ ପୌର ପରିଷଦ , ବୌଦ୍ଧଗଡର ଦୋକାନ ଗୃହ ନିଜନାମରେ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ନାମରେ ଥିଲେ ତାଙ୍କର ଦରଖାସ୍ତ ଫର୍ମକୁ ଖାରଜ କରାଯିବ ।ଏଥି ନିମନ୍ତେ ପ୍ରତ୍ୟେକ ଆବେଦନକାରୀ ସତ୍ୟପାଠ (Executive Magistrate ଙ୍କ ଠାରୁ) ଦାଖଲ କରିବେ ନଚେତ୍ ତାଙ୍କର ଆବେଦନ ଫର୍ମକୁ ନାକଚ କରାଯିବ ।

(୧୧) ଚୟନ ହୋଇଥିବା ହିତାଧିକାରୀ ୦୩ (ତିନି) ଦିନ ମଧ୍ୟରେ ପରିଷଦରେ ଚୁକ୍ତିନାମା ସ୍ୱାକ୍ଷର କରିବେ ଏବଂ ୦୩ (ତିନି) ମାସର ଅଗ୍ରୀମ ଭଡା ପୈଠକରି ନିଜ ଷ୍ଟଲକୁ ନିଜ ଅକ୍ତିଆରରେ ନେବେ ନଚେତ୍ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ ।

(୧୨) କୌଣସି ହିତାଧିକାରୀ ଯଦି ପାଇଥିବା ଦୋକାନ ଗୃହକୁ ତୃତୀୟ ପାର୍ଟିକୁ ଲିଜ୍ ଆକାରରେ ଦିଅନ୍ତି, ତାହାର ଚୁକ୍ତିନାମାକୁ ରଦ୍ଦ କରାଯିବ ।

(୧୩) କୌଣସି ହିତାଧିକାରୀ ଯଦି କ୍ରମାଗତ ୦୪ (ଚାରି) ମାସ ପର୍ଯ୍ୟନ୍ତ ଦୋକାନ ଭଡା ନଦିଅନ୍ତି ତାହାହେଲେ ହିତାଧିକାରୀ ଦାଖଲ କରିଥିବା ଅମାନତ ରାଶିରୁ ବକେୟାଥିବା ରାଶିକୁ ଭରଣା କରାଯାଇ ତାଙ୍କର ଚୁକ୍ତିନାମାକୁ ରଦ୍ଦ କରିବା ସହିତ ତାଙ୍କୁ ଦୋକାନ ଗୃହରୁ ଉଚ୍ଛେଦ କରାଯିବ ।

(୧୪) ହିତାଧିକାରୀ ଦୋକାନ ଗୃହର ବାରଣ୍ଡାରେ ଅବରୋଧ ସୃଷ୍ଟି କରୁଥିବା ଜିନିଷ ରଖିପାରିବେ ନାହିଁ ।

(୧୫) ହିତାଧିକାରୀ ପରିଷଦର ବିନା ଅନୁମତିରେ ଦୋକାନ ଗୃହର ରୂପରେଖା ବଦଳାଇ ପାରିବେ ନାହିଁ ।

(୧୬) ଆବଶ୍ୟକ ସ୍ଥଳେ ବିଦ୍ୟୁତ ଓ ପାଣି ଇତ୍ୟାଦି ଖର୍ଚ୍ଚ ହିତାଧିକାରୀ ନିଜେ ବହନ କରିବେ ।

(୧୭) ଆବେଦନକାରୀ ବୌଦ୍ଧଗଡ ପୌରପରିଷଦର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

(୧୮). ଆବେଦନ ଫର୍ମ ବନ୍ଦ ଲଫାପାରେ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ କିମ୍ବା ପୋଷ୍ଟାଲ ମାଧ୍ୟମରେ ପକାଇପାରିବେ ।

(୧୯) ଆବେଦନ ଫର୍ମ ସହିତ ହିତାଧିକାରୀ ଅମାନତ ଜମା ବ୍ୟାଙ୍କ ଡ୍ରାଫଟ ଆକାରରରେ " ନିର୍ବାହୀ ଅଧିକାରୀ ପୌର ପରିଷଦ, ବୌଦ୍ଧଗଡ " ଙ୍କ ନାମରେ ଜମାଦେବାକୁ ହେବ ।

(୨୦) କୌଣସି କାରଣ ନଥାଇ ଏହି ଟେଣ୍ଡରକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

14.10.24

ଟ୍ୟାକ୍ସ କଲେକ୍ଟର (ଷ୍ଟଲ୍ ସେକସନ୍ )
ପୌରପରିଷଦ, ବୌଦ୍ଧଗଡ

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବୌଦ୍ଧଗଡ